JUNE 2023

# ବସୁନ୍ଧରା ବାର୍ତ୍ତା

Vasundhara Newsletter, 4th JULY

KIIT Square, Plot No. #1731/C, Das Mohapatra Complex, Opposite of Sai Villa PO: KIIT Campus, Dist:, Patia Station Road, Patia, Bhubaneswar, Odisha 751024



## ସାରାଂଶ :

- ଶିଆଳି ଉତ୍ସବ: ପ୍ରଜନନର ଏକ ଉତ୍ସବ ।
- ସ୍ଥାନୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ଜାତୀୟସ୍ତରୀୟ କର୍ମଶାଳା ।
- ଜନ ସହଭାଗିତାରେ ପରିଚାଳିତ ଜଙ୍ଗଲର ସଂରକ୍ଷଣ ଶୀର୍ଷକ କର୍ମଶାଳା ।
- ରଣପୁରରେ ଗୋଷ୍ଠୀ ଜଙ୍ଗଲ ପରିଚାଳନା କର୍ମଶାଳା ।
- ବୈଠକ ଓ ତାଲିମ ।
- ପିଏ-ଆଇଟିଡିଏକୁ ବସୁନ୍ଧରାର ସହାୟତା ।
- ଇର୍ଣ୍ଟର୍ଣ୍ଣସିପ୍ ଡାଏରିଜ୍ ।
- ଲାଇଭ୍‌ଲିହୁଡର ଫଳାଫଳ ।

## ଶିଆଳି ଉତ୍ସବ: ପରିବର୍ତ୍ତନର ଆହ୍ୱାନ

ବାସ୍ତବିକ ଶିଆଳି ଉତ୍ସବ 'ପରିବର୍ତ୍ତନର ଆହ୍ୱାନ' । ଏହା ପୁନଃ ପ୍ରଜନନର ପର୍ବ । ଗତ ଦୁଇ ଦଶନ୍ଧି ଆଗରୁ ରଣପୁର, ଡେଙ୍ଗାଝରୀ ଓ ନୟାଗଡ ଅଞ୍ଚଳର ବାସିନ୍ଦା ନିଜ ଜଙ୍ଗଲରୁ ଶିଆଳି ପତ୍ର ଖଣ୍ଡେ ପାଇବା ପାଇଁ ସଂଘର୍ଷର ସାମ୍ନା କରୁଥିଲେ । ଏହି ସମସ୍ୟାର ସମାଧାନ ପାଇଁ ଡେଙ୍ଗାଝରୀ ଗାଁର ମହିଳାମାନେ ମିଶି ନିଜ ଜଙ୍ଗଲରେ ପୁଣିଥରେ ଶିଆଳି ଗଛ ପୁନଃର୍ଜିବୀତ କରିବାର ପଣ ନେଲେ । ସେମାନେ ଜଙ୍ଗଲରୁ ଶିଆଳି ମଞ୍ଜି ସଂଗ୍ରହ କଲେ, ଏହାକୁ ଗାଈ ଗୋବର ଓ ମାଟିସହ ମିଶାଇ ଛୋଟ ଛୋଟ ଗୋଳା କରି ଶିଆଳି ମଞ୍ଜି ବଲ୍ ପ୍ରସ୍ତୁତ କଲେ । ଦେବସ୍ନାନ ପୂର୍ଣ୍ଣିମା ଭଳି ଏକ ପବିତ୍ର ଦିନରେ ଗାଁର ଲୋକମାନେ ଏକାଠି ହୋଇ ଧରଣୀ ମା'ଙ୍କୁ ପୂଜା କରିବା ସହ; ପ୍ରସ୍ତୁତ କରିଥିବା ଶିଆଳି ମଞ୍ଜି ବଲ୍‌କୁ ନିଜ ଓ ଆଖପାଖ ଜଙ୍ଗଲରେ ଫିଙ୍ଗିବା ଆରମ୍ଭ କଲେ । ଯାହାକି ପରେ ନୂତନ ଶିଆଳି ଜଙ୍ଗଲ ସୃଷ୍ଟି କଲା । ଆନୁଷ୍ଠାନିକ ଭାବେ ୨୦୦୩ ମସିହାରୁ ଡେଙ୍ଗାଝରୀ ଗାଁରୁ ଏହି ଉତ୍ସବ ଆରମ୍ଭ ହୋଇଥିବା ବେଳେ; ଏବେ ଏହା ଆଖପାଖର ୬୨ଟି ଗାଁକୁ ବ୍ୟାପିଛି । ଯାହାକି ଏବେ ସେମାନଙ୍କର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଗଣିତ ହୋଇ ପାରିଛି । ୨୦୦୩ ପରଠାରୁ ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ଡେଙ୍ଗଝରୀ ସମେତ ବିଭିନ୍ନ ଗାଁରେ ଶିଆଳି ଉତ୍ସବ ପାଳିତ ହୋଇ ଆସୁଛି ।

## ସ୍ଥାନୀୟ ଗଣତାନ୍ତ୍ରିକ ଶାସନ ଉପରେ ଜାତୀୟସ୍ତରୀୟ ସମ୍ମିଳନୀ




ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଦ୍ୱାରା ରାଞ୍ଚିଠାରେ ସ୍ଥାନୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଉପରେ ଏକ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ତିନି ଦିନିଆ ସମ୍ମିଳନୀ ଜୁନ୍ ୨୨ରୁ ୨୫ ତାରିଖ ଯାଏଁ ଚାଲିଥିଲା ।

ପଞ୍ଚାୟତିରାଜ ବ୍ୟବସ୍ଥାକୁ ୩୦ ବର୍ଷ, ପେସା ଆଇନ୍‌କୁ ୨୫ ବର୍ଷ ଓ ଜଙ୍ଗଲ ଅଧିକାର ଅଧୀନିୟମକୁ ୧୫ ବର୍ଷ ପୂରଣ ହୋଇ ସାରିଥିବା ବେଳେ ସ୍ଥାନୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଓ ଏହାର ବିକାଶ ସ୍ଥିତି ଭାରତରେ କିପରି ଭାବେ ପ୍ରତିଫଳିତ ହେଉଛି ତାହାକୁ ସମୀକ୍ଷା କରିବା ଥିଲା କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ । କାର୍ଯ୍ୟକ୍ରମରେ ନାଗରିକ ସମାଜ, ଗ୍ରାମସଭାର ସଦସ୍ୟ, ପଞ୍ଚାୟତିରାଜ ପ୍ରତିନିଧି, ଏକାଡେମିକ୍, ନୀତି ନିର୍ଦ୍ଧାରକ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।

ବର୍ତ୍ତମାନ ପର୍ଯ୍ୟନ୍ତ ବିକାଶର ଅଗ୍ରଗତି ଓ ଭବିଷ୍ୟତ କାର୍ଯ୍ୟପନ୍ଥାଗୁଡିକୁ ଆଲୋଚନା କରିବା ଦିଗରେ ଏହି ସମ୍ମିଳନୀ ସମସ୍ତଙ୍କ ପାଇଁ ଏକ କ୍ଷେତ୍ର ପ୍ରଦାନ କରିଥିଲା । ବସୁନ୍ଧରାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ୱାଇ ଗିରି ରାଓ କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଅଧିକାର ଅଧୀନିୟମ ଉପରେ ଆଲୋକପାତ କରିଥିଲେ । ସେ ଓଡିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପଦକ୍ଷେପ ଉପରେ ବିଶେଷ ଗୁରୁତ୍ୱ ଦେଇ ଭାରତରେ ଏହି କାର୍ଯ୍ୟର ସ୍ଥିତି ଉପରେ ଅବଧାରଣା ଦେଇଥିଲେ । ସମ୍ମିଳନୀରେ ୧୧ଟି ଜିଲ୍ଲାରୁ ୨୭୦ ଅଂଶଗ୍ରହଣ କରି ଯୋଗ ଦେଇଥିଲେ ।

## ମହିଳା ଓ ଜମି ଅଧିକାର ଉପରେ ୩୦୮୮ଟି ଗାଁରେ ସର୍ବେକ୍ଷଣ

ମହିଳାଙ୍କ ଜମି ଓ ସେମାନଙ୍କ ଜୀବିକା ଉପରେ ରହିଥିବା ଅଧିକାରକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଡବ୍ଲ୍ୟୁଏଚ୍‌ଏଚ୍ ସହାୟତାରେ ବସୁନ୍ଧରା ଦ୍ୱାରା ଏକ ସର୍ବେକ୍ଷଣ କାମ ଆରମ୍ଭ ହୋଇଛି ।



ପ୍ରାଥମିକ ପର୍ଯ୍ୟାୟରେ ଏହା ନୟାଗଡର ଦୁଇଟି ବ୍ଲକ୍ ଯଥା ରଣପୁର ଓ ଦଶପଲ୍ଲା ଏବଂ କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ୍‌ରେ ସର୍ଭେ କରାଯାଇଛି । ମୋଟ ୭ଟି ପଞ୍ଚାୟତର ୭୧ଟି ଗାଁର ୩୦୮୮ଟି ପରିବାରକୁ ନେଇ ଏହି ସର୍ଭେ କରାଯାଇଥିଲା ।

ଗ୍ରାମାଞ୍ଚଳରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ସମସ୍ୟାଗୁଡିକୁ ଚିହ୍ନଟ କରିବା ଓ ଏହାର ସମାଧାନ କରିବା କାର୍ଯ୍ୟକ୍ରମର ମୂଳ ଆଭିମୁଖ୍ୟ । ମହିଳାଙ୍କୁ ସଶକ୍ତ କରିବା ଓ ସେମାନଙ୍କର ଜୀବନ ଜୀବିକାକୁ ବ୍ୟବସ୍ଥିତ କରିବା ଦିଗରେ ବସୁନ୍ଧରାର ଡବ୍ଲ୍ୟୁଏଚ୍‌ଏଚ୍ ଦଳ ସବୁବେଳେ ଉତ୍ସର୍ଗୀକୃତ ଥିବା ବେଳେ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଉପାୟକୁ ଅନୁପାଳନ କରୁଛନ୍ତି ।

ଆମର ମୂଳ ଆଭିମୁଖ୍ୟ ହେଉଛି ପଛୁଆବର୍ଗର ମହିଳାମାନେ କିପରି ଚାଷ ଓ ଜଙ୍ଗଲ ଭିତ୍ତିକ କାର୍ଯ୍ୟ ଦ୍ୱାରା କୃଷି ଓ ଜୀବନ ଜୀବିକାକୁ ସୁନିଶ୍ଚିତ କରିବେ ।



ବନବାସୀଙ୍କୁ ଲଘୁ ବନଜାତ ଦ୍ରବ୍ୟ ବିକ୍ରିବଟା ଦିଗରେ ସାହାଯ୍ୟ କରିବା ପାଇଁ ବସୁନ୍ଧରା ଦ୍ୱାରା ଆରମ୍ଭ ହୋଇଥିବା 'ଏମ୍‌ଏସ୍‌ପି ବନାମ ଏମ୍‌ଏଫ୍‌ପି' କ୍ୟାମ୍ପେନ୍ ଯୋଗୁଁ ଚଳିତ ବର୍ଷ ଶାଳ ମଞ୍ଜି କିଲୋ ପ୍ରତି ୧୩ ଟଙ୍କାରୁ ହ୍ରାସ ପାଇନାହିଁ । ଯାହାକି ଚଳିତ ମାସର ସବୁଠୁ ବଡ ସଫଳତା ।

## ଜନ ସହଭାଗିତାରେ ପରିଚାଳିତ ଜଙ୍ଗଲର ସଂରକ୍ଷଣ ଶୀର୍ଷକ କର୍ମଶାଳା

ଜନ ସହଭାଗିତାରେ ପରିଚାଳିତ ଜଙ୍ଗଲର ସଂରକ୍ଷଣ ଓ ପରିଚାଳନା ଶୀର୍ଷକ  କର୍ମଶାଳା କୋଲକତାଠାରେ ଆୟୋଜିତ ହୋଇଯାଇଛି । ଆୟୋଜିତ ଏହି ତିନି ଦିନିଆ କର୍ମଶାଳାରେ ବସୁନ୍ଧରାରୁ ୨୧ ଜଣ ଅଂଶଗ୍ରହଣ କରିଥିଲେ । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବାୟୋ ସୋସିଆଲ୍ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ବିଭିନ୍ନ ଜନସହଭାଗିତାରେ କରାଯାଇଥିବା ଗୋଷ୍ଠୀ ବନ ପରିଚାଳନାର କାହାଣୀ ଓ ଜଙ୍ଗଲ ପରିଚାଳନାର ବିଭିନ୍ନ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଥିଲା ।

ପ୍ରଥମ ଦିନରେ ଅଂଶଗ୍ରହଣକାରୀମାନେ ତାଲିମ ପ୍ରଶିକ୍ଷଣ ବାବଦରେ ସମ୍ୟକ ଅବଧାରଣା ସହ ତାଲିମରେ ଅନ୍ତର୍ଭୁକ୍ତ ବିଭିନ୍ନ ବିଷୟ ବାବଦରେ ଜାଣିଥିଲେ । ଦ୍ୱିତୀୟ ଦିନରେ ବୈଷୟିକ ଜ୍ଞାନ କୌଶଳର ଉପଯୋଗରେ କ୍ଷେତ୍ରୀୟ କାର୍ଯ୍ୟକ୍ରମ (ଡିଜିଟାଲ ଡେମୋନ୍‌ଷ୍ଟ୍ରେସନ୍) ବାବଦରେ ବୁଝାଇବାର ପ୍ରଚେଷ୍ଟା କରାଯାଇଥିଲା ।

ଯେଉଁଥିରେ ଆଇବିଆର୍‌ଡିର ଜଣେ କ୍ଷେତ୍ର ସଂଯୋଜକ ମୟୂରଭଞ୍ଜ ଜିଲ୍ଲାରେ ଜୈବବିବିଧତାର ସଂରକ୍ଷଣ ଓ ପରିଚାଳନା ପାଇଁ ଜନସହଭାଗିତାରେ କିପରି କାମ କରାଯାଉଛି ତାହା ପ୍ରଦର୍ଶିତ କରିଥିଲେ ।

ତୃତୀୟ ଦିନର ପ୍ରଶିକ୍ଷଣ ଦଳଗତ ଉପସ୍ଥାପନା ଓ ସପ୍ତପାଦ ଉପରେ ଅଂଶଗ୍ରହଣକାରୀଙ୍କ ବୁଝାମଣା ଉପରେ ପର୍ଯ୍ୟବେସିତ ଥିଲା । ପରବର୍ତ୍ତୀ ସମୟରେ ନବରତ୍ନ ବା ନଅଟି ଜୀବନଜୀବିକାର କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯାହାକି ବନବାସୀ ସମୁଦାୟକୁ ସେମାନଙ୍କ ଆୟବୃଦ୍ଧି ଦିଗରେ ସ୍ଥାୟୀ ଭାବେ ସାହାଯ୍ୟ କରି ପାରିବ ।




## ରଣପୁରରେ ଗୋଷ୍ଠୀ ଜଙ୍ଗଲ ପରିଚାଳନା କର୍ମଶାଳା



ଜୁନ୍ ୨୬ ତାରିଖରେ ରଣପୁରଠାରେ ସିଏଫ୍‌ଏମ୍‌ଆର୍‌ସି (କମ୍ୟୁନିଟି ଫରେଷ୍ଟ ମ୍ୟାନେଜ୍‌ମେଣ୍ଟ ରିସୋର୍ସ ସେଣ୍ଟର) ଦଳ ଦ୍ୱାରା ଗୋଷ୍ଠୀ ଜଙ୍ଗଲ ପରିଚାଳନା କର୍ମଶାଳା ଆୟୋଜିତ ହୋଇଯାଇଛି ।

ଜନସହଭାଗିତାରେ ସଂରକ୍ଷିତ ଓ ପରିଚାଳିତ ଜଙ୍ଗଲଗୁଡିକର ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥାକୁ ଆକଳନ କରିବା ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା । ଏଥିରେ ୨୨ଟି କ୍ଲଷ୍ଟର ୨୧୭ଟି ଗାଁରୁ ଆସିଥିବା ଅଂଶଗ୍ରହଣକାରୀମାନେ ଯୋଗ ଦେଇଥିଲେ ।

ମା ମଣିନାଗ ଜଙ୍ଗଲ ସୁରକ୍ଷା ସମିତିର ବହୁ କାର୍ଯ୍ୟକାରୀ ସଦସ୍ୟ ଏଥିରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ । ଯେଉଁଥିରେ ସେମାନେ ଜନସହଭାଗିତାରେ ଜଙ୍ଗଲ ସୁରକ୍ଷା ଓ ଏହାକୁ ପରିଚାଳନା କରିବାର ୬ଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ । ସେଗୁଡିକ ହେଲା ଅର୍ଥ, କାର୍ଯ୍ୟ, କାର୍ଯ୍ୟକାରିତା, ସୁବିଧା, ଅନୁଷ୍ଠାନଗୁଡିକର କାର୍ଯ୍ୟକାରିତା ଇତ୍ୟାଦି ।

ଶେଷରେ ରଣପୁରଠାରେ ଜନସହଭାଗିତାରେ ଜଙ୍ଗଲ ପରିଚାଳନା ଭଳି  ବିଷୟକୁ ବୁଝିବା ଓ ଜଙ୍ଗଲ ସୁରକ୍ଷା ଓ ପରିଚାଳନା ପ୍ରତିଷ୍ଠାନଗୁଡିକର କାର୍ଯ୍ୟକାରିତା ବୃଦ୍ଧି ପାଇଁ ରଣନୀତି ଚିହ୍ନଟ କରିବା ଦିଗରେ ନିଷ୍ପତ୍ତି ନିଆଯାଇଥିଲା ।

ସାମଗ୍ରିକ ଭାବେ ଏହି କର୍ମଶାଳା ଅଂଶଗ୍ରହଣକାରୀମାନଙ୍କ ଅଭିଜ୍ଞତା ବାଣ୍ଟିବା, ଜ୍ଞାନ ଆଦାନପ୍ରଦାନ, ଗୋଷ୍ଠୀଗତ ଜଙ୍ଗଲ ପରିଚାଳନା ପ୍ରୟାସକୁ ସୁଦୃଢ଼ କରିବା ଦିଗରେ ଏକ ଭିତ୍ତିଭୂମି ଯୋଗାଇ ଦେଇଥିଲା ।

## ବୈଠକ ଓ ତାଲିମ

୧) ପାରଳାଖେମୁଣ୍ଡିଠାରେ ଜିଲ୍ଲାସ୍ତରୀୟ କର୍ମଶାଳା ।

୨) ଗୋଷ୍ଠୀଗତ ଅଧିକାର, ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ବିଷୟରେ ସମ୍ବଲପୁରଠାରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା ।

୩) ରାୟଗଡାଠାରେ ଜଙ୍ଗଲ ଅଧିକାର ଅଧୀନିୟମ ଉପରେ ଏକ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ।

୪) ମଝିଆଖଣ୍ଡା ଓ ସିନ୍ଦୁରିଆ ଗାଁରେ ଏଫ୍ଆର୍‌ସି ସଦସ୍ୟଙ୍କ ସହ ବୈଠକ ।

୫) ଡାଲିପଦରଠାରେ ଆଦିଭୂମି ମହିଳା ସଂଘର ବିଓଡି ବୈଠକ ।

୬) ରାଇରଙ୍ଗପୁର ତହସିଲ ବଡମଉଦା ପଞ୍ଚାୟତରେ ଜଙ୍ଗଲ ଅଧିକାର ଅଧୀନିୟମ ଉପରେ ବୈଠକ ।

୭) ଲଘୁବନଜାତ ଦ୍ରବ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟକୁ ନେଇ ବାଲିଗୁଡା ଟିଡିସିସି ବିଏମ୍‌ଙ୍କ ସହ ବୈଠକ ।

**ସିଏଫ୍ଆର୍‌ଏମ୍‌ସି ଗଠନ:**
ଗୁହାଲଡଙ୍ଗରୀ, ଲୋଧାଚୁଆ, କୁସୁମଗାଡିଆ

**ଜିପିଏସ୍ ମ୍ୟାପିଂ ଶେଷ:**
ରାଇପଦା ଗାଁ

**ସିଆର୍/ସିଏଫ୍ଆର ଯୁଗ୍ମ ଅନୁସନ୍ଧାନ:**
ଧୁବୁଲବେଡା, ହାତିଆ, ବାଲିଖନି, କଳସିଭଙ୍ଗା ଗାଁ

## ପିଏ-ଆଇଟିଡିଏ ବାରିପଦାକୁ ସହାୟତାର ହାତ

ମୟୂରଭଞ୍ଜରେ ଆଦିବାସୀଙ୍କ ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବା ପାଇଁ ଆଇଟିଡିଏ ବ୍ୟକ୍ତିଗତ ଜଙ୍ଗଲ ଅଧିକାର(ଆଇଏଫ୍ଆର୍), ଗୋଷ୍ଠୀଗତ ଅଧିକାର (ସିଏଫ୍ଆର୍), ଗୋଷ୍ଠୀଗତ ବନ ସମ୍ବଳ ଅଧିକାର (ସିଏଫ୍ଆର୍) ଆଦି ଦିଗରେ ଗୁରୁତ୍ୱାରୋପ କରିଛନ୍ତି ।

ଏଥିପାଇଁ ଆଇଟିଡିଏ ବସୁନ୍ଧରାର ସହାୟତା ଲୋଡିଥିବା ବେଳେ ବସୁନ୍ଧରା ବି ସବୁ ପ୍ରକାର ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇଛି ।

ଏନେଇ ଆଇଟିଡିଏ କାର୍ଯ୍ୟାଳୟରେ ଜୁନ୍ ୧୩ ତାରିଖରେ ବାରିପଦା ଜିଲ୍ଲା ପ୍ରଶାସନ ଦ୍ୱାରା ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା ।

ଯେଉଁଥିରେ ବନବାସୀଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରାଯାଇଥିଲା ।



## ଇଣ୍ଟର୍ଣ୍ଣସିପ୍ ଡାଏରିଜ୍



ଭୁବନେଶ୍ୱରର ବିଭିନ୍ନ ୱାର୍ଡରେ କିପରି ବର୍ଜ୍ୟ ପରିଚାଳନା କରାଯାଉଛି ତା ଉପରେ ଚଳିତ ମାସ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ତିନିଜଣ ଛାତ୍ର/ଛାତ୍ରୀ ବସୁନ୍ଧରାରେ ଇଣ୍ଟର୍ଣ୍ଣସିପ୍ କରିଛନ୍ତି । ଏକ ମାସର ଏହି ଅବଧିରେ ଛାତ୍ରଛାତ୍ରୀମାନେ ମହାନଗରନିଗମର କଠିନ ବର୍ଜ୍ୟ ପରିଚାଳନା ଓ ବାୟୋ-ମେଡିକାଲ ବର୍ଜ୍ୟ ପରିଚାଳନା ଭଳି ବିଷୟକୁ ଜାଣିଥିଲେ । ଏମ୍ଆଇଏମ୍‌ବିର ଛାତ୍ର ଋଷି କେଶ ବସୁନ୍ଧରା ସହ ଏକ ମାସର ଇଣ୍ଟର୍ଣ୍ଣସିପ୍‌ରେ ଶାଳ ମଞ୍ଜି ସଂଗ୍ରହ ପ୍ରକ୍ରିୟା ଓ ଏହାର ବଜାର ଦର ଉପରେ ତଥ୍ୟ ସଂଗ୍ରହ କରିଥିଲେ ।







## ଜୀବିକା ହସ୍ତକ୍ଷେପ

୨ କୋଟି ୮୩ ଲକ୍ଷ

୬ଟି ଫେଡେରେସନ୍

**୨୪୪ ପ୍ରଡ୍ୟୁସର ଗ୍ରୁପ୍**

୪୯୮୨ ସଦସ୍ୟ




